## ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 05-01-2024**

**ମୟୁରଭଞ୍ଜ(ଓଡିଶା) - :2024-01-05 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2024-01-06 | 2024-01-07 | 2024-01-08 | 2024-01-09 | 2024-01-10 |
|---|---|---|---|---|---|
| ବର୍ଷା (ମିମି) | 1.0 | 1.0 | 0.0 | 0.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.0 | 26.0 | 26.0 | 26.0 | 26.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 13.0 | 14.0 | 14.0 | 15.0 | 15.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 64 | 64 | 64 | 61 | 64 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 35 | 36 | 37 | 38 | 37 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 6 | 6 | 6 | 6 | 5 |
| ପବନର ଦିଗ (ଡିଗ୍ରୀ) | 68 | 158 | 72 | 135 | 90 |
| ମେଘାଚ୍ଛନ (ଅକ୍ଟା) | 3 | 4 | 0 | 1 | 1 |

### ପାଣିପାଗ ସାରାଂଶ/ସତର୍କ:

| |
|---|
| ସ୍ୱଚ୍ଛରୁ ଆଂଶିକ ମେଘୁଆ ଆକାଶ ସହିତ ଜିଲ୍ଲାରେ ଅତି ହାଲୁକା ବର୍ଷା ହେବାର ସମ୍ଭାବନା ଅଛି \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୫.୦ ରୁ ୬.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୬.୦°C ରୁ ୨୭.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୩.୦°C ରୁ ୧୫.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୬୧ ରୁ ୬୪ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୩୫ ରୁ ୩୮ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| କୁହୁଡି ଓ କମ୍ ତାପମାତ୍ରା ରୁ ପନିପରିବା କୁ ରକ୍ଷା କରିବା ନିମନ୍ତେ ସକାଳ ଓ ସନ୍ଧ୍ୟା ସମୟରେ ଶୀତ ଦିନିଆ ପନିପରିବା ରେ ହାଲୁକା ଜଳ ସେଚନ କରନ୍ତୁ । କମ୍ ତାପମାତ୍ରା ଓ କୁହୁଡିଆ ପାଗ ଯୋଗୁଁ ରବି ଫସଲରେ ଶୋଷକ କୀଟ, ପତ୍ରପୋଡା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣର ବ୍ୟବସ୍ଥା କରନ୍ତୁ । ରବି ପନିପରିବା ରେ ଘାସ ବାଛି କୋଡାଖୋସା କରନ୍ତୁ । କୋବି ଜାତୀୟ ପନିପରିବା ଫସଲରେ ୭-୮ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ । ଶୀତ ଋତୁ ରେ ଅଧିକ ଥଣ୍ଡା ସମୟରେ ଗାଈ ଗୁହାଳରେ ପଲିଥିନ୍ କିମ୍ବା ଅଖା ଦ୍ୱାରା ଆଚ୍ଛାଦିକରଣ କରିବାର ବ୍ୟବସ୍ଥା କରନ୍ତୁ । କୁକୁଡା ରହୁଥିବା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ୍ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ବର୍ତ୍ତମାନ ତାପମାତ୍ରା କମ୍ ରହୁଥିବାରୁ, ପନିପରିବା ମଞ୍ଜି ଶୀଘ୍ର ଗଜା ହେବା ପାଇଁ, ତଳିଘେରା ରେ ପଲିଥିନ୍ ଦ୍ୱାରା ଆଚ୍ଛାଦିକରଣ କରନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଧାନ ସାଇତି ରଖିଥିବା ବସ୍ତା କିମ୍ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ ଫସଫାଇଡ୍ ଟାବଲେଟ ଏକ ଟନ ଧାନ ପିଛା ୩ ଟି (ସମୁଦାୟ ୯ ଗ୍ରାମ ଟାବଲେଟ) କନାରେ ଗୁଡାଇ ରଖନ୍ତୁ । ଏହାପରେ ଭଲଭାବରେ ତାରପୋଲିନ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟ୍ୟାପ ଦେଇ ଭଲ ଭାବରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠରୀର ବସ୍ତା ମୁହଁ ଭଲ ଭାବରେ ବନ୍ଦ ରଖନ୍ତୁ । |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ସୋରିଷ | ରବି ଋତୁ ରେ ସୋରିଷ ଚାଷ କରୁଥିଲେ, ସରଳ କିସମ ଯଥା ନିର୍ମଲ ବ୍ଲାକ ଗୋଲ୍ଡ , ଟି-୯, ଏମ-୨୭, ପି. ଟି-୩୦୩ ଏବଂ ବିଳମ୍ବ କିସମ ପୁଷା ବାହାର, ବିନୟ ଆଦି କିସମ ଏକର ପ୍ରତି ୩ ରୁ ୫ କେଜି ମଞ୍ଜି ବ୍ୟବହାର କରନ୍ତୁ । କାପଟାନ କିମ୍ବା ଥିରାମ ୩ ଗ୍ରାମ ପ୍ରତି କିଗ୍ରା ମଞ୍ଜି ରେ ବିଶୋଧନ ପରେ ବ୍ୟବହାର କରନ୍ତୁ । ଧାଡି କୁ ଧାଡି ୨୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ବିଳମ୍ବ କିସମ ଏବଂ ଧାଡି କୁ ଧାଡି ୩୦ ଏବଂ ଗଛ କୁ ଗଛ ୧୦ ସେମି ଦୂରତା ରେ ସହଳ କିସମ ଲଗାନ୍ତୁ । |
| ମୁଗ | ବିହନ ବୁଣିବାର ୭ ଦିନ ପୂର୍ବରୁ ଏକ କିଲୋଗ୍ରାମ ମଞ୍ଜି ରେ ୨-ଗ୍ରାମ କାର୍ବେଣ୍ଡାଜିମ ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ କାର୍ବୋକ୍ସିନ ଓ ଥିରାମ ର ମିଳିତ ଫିମ୍ପିନାଶକ ମିଶାଇ ବିହନ ବିଶୋଧନ କରନ୍ତୁ । ବିହନ ବୁଣିବା ଦିନ ପ୍ରତି ୧-କିଲୋଗ୍ରାମ ବିହନରେ ୨୦-ଗ୍ରାମ ରାଇଜୋବିୟମ ଜୀବାଣୁ କଲଚର ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ । ଶେଷ ଓଡ ଚାଷ ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିଆ ମୂଳ ସାର ହିସାବରେ ସାର ପ୍ରୟୋଗ କରନ୍ତୁ । |
| ସୂଂଫ୍ଲୋବେର | ବର୍ତ୍ତମାନ ରବି ସୂର୍ଯ୍ୟମୁଖୀ ଫସଲ ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ବୁଣାବୁଣି କାମ ଶେଷ କରନ୍ତୁ \| ଓଡିଶାର ଜଳବାୟୁ ପାଇଁ ଅଧିକ ଅମଳକ୍ଷମ କିସମ ଯଥା ମର୍ଡନ୍, ସନରାଇଜ୍, ସୂର୍ଯ୍ୟ ଓ ହାଇବ୍ରିଡ୍ କିସମ ଯଥା କେ.ବି.ଏସ୍.ଏଚ୍.-୧, କେ.ବି.ଏସ୍.ଏଚ୍.-୩ ଓ ଏମ୍.ଏସ୍.ଏଫ୍.ଏଚ୍ ଆଦି କିସମ ଲଗାନ୍ତୁ \| ଏକର ପ୍ରତି ଅଧିକ ଅମଳକ୍ଷମ କିସମ ଅଣଜଳସେଚିତ ଜମିରେ ୪ କି.ଗ୍ରା, ଜଳସେଚିତ ଜମିରେ ୩.୫ କି.ଗ୍ରା ବିହନ ଓ ହାଇବ୍ରିଡ୍ କିସମ ଜଳସେଚିତ ଜମିରେ ୨ରୁ ୨.୫ କି.ଗ୍ରା, ଜଳସେଚିତ ଜମିରେ ୧.୫ ରୁ ୨ କି.ଗ୍ରା ବିହନ ଦରକାର ହୋଇଥାଏ \| ବୁଣାର ପୁର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ ଓ ବିହନ ବିଶୋଧନ କରି ବୁଣନ୍ତୁ \| ୧ କି.ଗ୍ରା ବିହନକୁ ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜୁମ୍ ମିଶାଇ ବିହନ ବିଶୋଧନ କରନ୍ତୁ \| ଝାଉଁଳା ରୋଗ ଦୁରେଇବା ପାଇଁ ପ୍ରତି କି.ଗ୍ରା ବିହନକୁ ୪ ଗ୍ରାମ୍ ଟ୍ରାଇକୋଗ୍ରାମ୍ ଦ୍ୱାରା ବିହନ କୁ ଉପଚାର କରି ବୁଣନ୍ତୁ \| ଜମିକୁ ଭଲ ଭାବେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ\| ଏକର ପ୍ରତି ୨ ଟନ୍ ଗୋବର ଖତ ପ୍ରୟୋଗ କରନ୍ତୁ \| ଶେଷ ଓଡ ଚାଷ ସମୟରେ ଏକର ପ୍ରତି ଅନୁମୋଦିତ ଯବକ୍ଷାରଜାନର ଅଧା (୮ କି.ଗ୍ରା ଯବକ୍ଷାରଜାନ), ୧୬ କି.ଗ୍ରା ଫସଫରସ୍ ଓ ୧୨ କି.ଗ୍ରା ପଟାସ୍ ସାର କୁ ମୂଳସାର ଆକାର ରେ ଧାଡିରେ ପ୍ରୟୋଗ କରନ୍ତୁ \| ହାଇବ୍ରିଡ୍ କିସମ ପାଇଁ ଏହାର ଦୁଇ ଗୁଣ ସାର ପ୍ରୟୋଗ କରନ୍ତୁ \| ଲଗାଇବା ପୂର୍ବରୁ ବିହନକୁ ୧୦-୧୨ ଘଣ୍ଟା ଭଜାଇ ବୁଣିଲେ ଭଲ ଗଜା ହୋଇଥାଏ \| ପାଣିରୁ ଛାଣିବା ପରେ ଏକର ପ୍ରତି ୬୦୦ ଗ୍ରାମ୍ ପଏସବି କଲଚର୍ ରେ ବିହନକୁ ଉପଚାର କରି ବୁଣନ୍ତୁ \| ଧାଡିକୁ ଧାଡି ମଟାଳ ମାଟିରେ ୬୦X୩୦ ଓ ଦୋରସା ମାଟିରେ ୪୫X୩୦ ସେମି ବ୍ୟବଧାନ ରଖି ବିହନ କୁ ୩ ସେମି ଗଭୀରରେ ବୁଣନ୍ତୁ \| |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ಮೆಣಸಿನಕಾಯಿ | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଲଙ୍କା | ଲଙ୍କା ଫସଲରେ ବର୍ତ୍ତମାନ ସମୟରେ ଶୋଷକ ପୋକ ଯଥା ଜଉ ପୋକ ଓ ପତ୍ର ଉକୁଣି ପୋକ ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦ ଗ୍ରାମ ଏସିଟାମିପ୍ରିଡ ନାମକ କୀଟନାଶକ କିମ୍ବା ୪୦୦ ମିଲି ପ୍ରୋଫେନୋଫସ ଓ ଫେନପାଇରୋକ୍ସିମାଇଟ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବନ୍ଧାକୋବି | କୋବି ଫସଲରେ ଠିକିରି ପିଠିଆ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬-୮ ଟି ଆଲୋକ ଯନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୧ ଲିଟର ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦ ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଟମାଟର | ଧଳା ମାଛିକୁ ଆକର୍ଷଣ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠାଯୁକ୍ତ ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛି ର ପରିଚାଳନା ନିମନ୍ତେ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦ ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦ ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ବାଇଗଣ | ବାଇଗଣ ଫସଲରେ ଫଳ ପଚା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ Metalaxyl ଓ Mancozeb ର ମିଳିତ ଫିମ୍ପିନାଶକ କିମ୍ବା ୪୦୦ ଗ୍ରାମ Propineb ନାମକ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଭେଣ୍ଡୀ | ପ୍ରାରମ୍ଭିକ ଅବସ୍ଥାରେ ଶୋଷକ କୀଟ ର ପରିଚାଳନା ପାଇଁ ୨୦୦ ଲିଟର ପାଣିରେ ୬୦୦ ମିଲି ନିମ୍ବ ଜାତୀୟ କୀଟନାଶକ ୧୫୦୦ ପିପିଏମ କୁ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ଏହି ପୋକ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୪୦୦ ମିଲି Fenobucarb ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ଅମୃତଭଣ୍ଡା | ପ୍ରାରମ୍ଭିକ ଅବସ୍ଥାରେ ଦହିଆ/ଚୂର୍ଣ୍ଣପୃଷ୍ଠ ପୋକ ର ପରିଚାଳନା ପାଇଁ ୧୦-ଲିଟର ପାଣିରେ ୩୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ ଆଜାଡିରାକ୍ଟିନ ମିଶାଇ ସିଞ୍ଚନ କରନ୍ତୁ । ଏହା ବ୍ଯତୀତ ଗଛରେ ସାବୁନ ମିଶ୍ରିତ ପାଣି ସିଞ୍ଚନ କରନ୍ତୁ । ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ ଉପାୟରେ ଏହି ପୋକର ଦମନ ପାଇଁ ପ୍ରତି ୧୦-ଲିଟର ପାଣିରେ ୨୦-ମିଲି ପ୍ରୋଫେନୋଫସ କିମ୍ବା ୨-ଗ୍ରାମ ଥାୟାମେଥୋକଜମ ନାମକ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ । |
| ରସୁଣ | ଜଳସେଚନର ସୁବିଧା ଥିଲେ ଢିପ ଜମିରେ ଧାନ କିମ୍ବା ଅଣଧାନ ପରେ ରସୁଣ ଲଗାଇବା ପାଇଁ ଜମି ପ୍ରସ୍ତୁତ କରି ଶୀଘ୍ର ଲଗାଇବା କାମ ଶେଷ କରନ୍ତୁ \| ଉନ୍ନତ ବିହନ କିସମ ଯଥା ଫୱାରୀ, ଯାମନଗର ଓ ଜି-282 ଆଦି କିସମ ଲଗାନ୍ତୁ \| କିସମ ଅନୁଯାୟୀ ଏକର ପ୍ରତି ୧୫୦ କିଗ୍ରା କୋଳାକୁ ବିହନ ରୂପେ ବ୍ୟବହାର କରନ୍ତୁ \| ଜମିକୁ ଭଲଭାବରେ ଗୁଣ୍ଡ ଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୧୫ ଟନ୍ ସଢା ଗୋବର ଖତ ପ୍ରୟୋଗ କରନ୍ତୁ। ଶେଷ ଓଡ ଚାଷ ସମୟରେ ଏକର ପ୍ରତି 24 କି.ଗ୍ରା ଯବକ୍ଷାରଜାନ, 24 କି.ଗ୍ରା ଫସଫରସ୍ ଓ 24 କି.ଗ୍ରା ପଟାସ ସାରକୁ ମୂଳସାର ଆକାରରେ ଧାଡିରେ ପ୍ରୟୋଗ କରନ୍ତୁ \| ଧାଡିକୁ ଧାଡି 20 ଗଛକୁ ଗଛ 8 ସେମି ବ୍ୟବଧାନ ରଖି ବିହନ ଲଗାନ୍ତୁ \| ବିହନ ଲଗାଇବା ପରେ ହାଲୁକା ଜଳସେଚନ କରନ୍ତୁ \| |

### ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଶୀତ ଋତୁରେ ଗାଈଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ କରୁଥିବା ଗୁହାଳ ଘରେ ରଖନ୍ତୁ । ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଈଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ । ଶୀତ ଦିନରେ ତାପମାତ୍ରା ହ୍ରାସ ପାଉଥିବାରୁ ଗାଈଗୋରୁ ମାନଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ । ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ |

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଦିଅନ୍ତୁ । ମଇଁଷି ଓ ଗାଈଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ ଆଦି ଗୋଖାଦ୍ୟ ୩ କେଜି ହିସାବରେ ଦିଅନ୍ତୁ । |